ପଥିଆଗୁଡ଼ କଲେଜ, କନ୍ଧମାଳ (୦୬)
ତା-୨୪-୦୧-୨୦୨୨

ଅଦ୍ୟ ତା-୨୪-୦୧-୨୦୨୨ ରିଖ ମଙ୍ଗଳବାର ପୂର୍ବାହ୍ନ ୧୧.୦୦ ଘ. ସମୟରେ ପଥିଆଗୁଡ଼ କଲେଜ କନ୍ଧମାଳ ପରିଚାଳନା ସମିତିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କଲେଜ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ଭବାନୀ ଶଙ୍କର ରାଉତ ସଭାପତିତ୍ୱ କରିଥିଲେ ।

ଉପସ୍ଥିତ ସଦସ୍ୟ/ସଦସ୍ୟାଙ୍କ ସ୍ୱାକ୍ଷର

୦୧- ଶ୍ରୀଯୁକ୍ତ ଭବାନୀ ଶଙ୍କର ରାଉତ - [illegible]
(ସଭାପତି)

୦୨- ଶ୍ରୀମତୀ ପ୍ରଭାସିନୀ ଖଟୁଆ - [illegible]
(ଅଧ୍ୟକ୍ଷା)

୦୩- ଶ୍ରୀ କିଶୋର ଚନ୍ଦ୍ର ଜଗଦେବ - କିଶୋର ଚନ୍ଦ୍ର ଜଗଦେବ

୦୪- ଶ୍ରୀ ଅଶୋକ କୁମାର ସାହୁ - ଅଶୋକ କୁମାର ସାହୁ

୦୫- ଶ୍ରୀ ଗଙ୍ଗାଧର ମାଝି - ଅନୁପସ୍ଥିତ

୦୬- ମହମ୍ମଦ ଅବ୍ଦୁସ୍ ଆଲ୍ ଖାଲେକାନ - ଅନୁପସ୍ଥିତ

୦୭- ଶ୍ରୀମତୀ ଚଳିସ୍ମିତା ଜଗଦାର - ଅନୁପସ୍ଥିତ

୦୮- ଶ୍ରୀମତୀ ସୌମ୍ୟା ମହାନ୍ତି - Soumya mohanty.

୦୯- ଶ୍ରୀ ରମାକାନ୍ତ ସାହୁ - Ramakanta Sahu.

୧୦- ଶ୍ରୀମତୀ ପଦ୍ମାବତୀ ଆଚାର୍ଯ୍ୟ - ଅନୁପସ୍ଥିତ

Scanned with CamScanner

ପ୍ରସ୍ତାବ ନଂ (୧) :-

ମହାବିଦ୍ୟାଳୟର ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ଉଚ୍ଚଶିକ୍ଷା ବିଭାଗରୁ ଆସିଥିବା ୧୦ ଲକ୍ଷ ଟଙ୍କାରୁ ୧ ନମ୍ବର ଏବଂ ୨ ନମ୍ବର ହଲ୍‌ର ଉପରମହଲାରେ ୯ ଲକ୍ଷ ଟଙ୍କା ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇ ବାକି ୪୦ ହଜାର ଟଙ୍କା ପଲସ୍ତରା ବାବଦରେ ବ୍ଲକ୍‌ରେ ଅଛି । ବର୍ତ୍ତମାନ କଲେଜ ଫଣ୍ଡରୁ ଏହି ପଲସ୍ତରା କାର୍ଯ୍ୟ ପାଇଁ ଖର୍ଚ୍ଚ କରାଯାଇଅଛି । ବ୍ଲକ୍‌ରୁ ଏହି ଟଙ୍କା ଆସିଲେ କଲେଜ ଫଣ୍ଡକୁ ଫେରସ୍ତ ହେବ । ଉଚ୍ଚ ଶିକ୍ଷା ବିଭାଗରୁ ୧୫ ଲକ୍ଷ ଟଙ୍କା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡ଼େଭଲେପ୍‌ମେଣ୍ଟ ପାଇଁ ଆସିଅଛି । ତା:୧-୧୨-୨୦୨୧ ରୁ ଏହି ଟଙ୍କା ବ୍ଲକ୍ କୁ ହସ୍ତାନ୍ତର ହୋଇଅଛି । କଲେଜର ଅଧ୍ୟକ୍ଷା ୫ ଜଣ କର୍ମଚାରୀଙ୍କୁ ନେଇ ଗୋଟିଏ କନ୍‌ଷ୍ଟ୍ରକ୍‌ସନ୍ କମିଟି ଗଠନ କରିଛନ୍ତି । ଏହି କମିଟି ୧୫ ଲକ୍ଷ ଟଙ୍କା କାର୍ଯ୍ୟକୁ ଦଦାରଖ କରିବେ । ଏହି ଟଙ୍କାରେ ଉପର ମହଲାର ଟାଇଲ୍, ଝରକା, କବାଟ, ବାଲ୍‌କୋନିର କାନ୍ଥ, ପାହଚର ରେଲିଂ, ବେନ୍‌ଚ, ଡ଼େସ୍କ, ଇଲେକ୍‌ଟ୍ରିକ୍ ଏବଂ ପାଣି ସଂଯୋଗ ପାଇଁ ଯେତିକି ଖର୍ଚ୍ଚ ହେବ, ବଳକା ଟଙ୍କାରେ ଷ୍ଟାଫ କମନ୍‌ରୁମ୍ ରେ ଶୌଚାଳୟ ନିମାଣ ଏବଂ ବାଳିକା ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ବାଳକ ମାନଙ୍କର ଶୌଚାଳୟ, ବାଳିକା ମାନଙ୍କର କମନ୍ ରୁମ୍, ପିଇବା ପାଣିର ସୁବିଧା, ସାଇକଲ ଷ୍ଟାଣ୍ଡ ମୁଖ୍ୟ ଗେଟ୍‌ରେ କାଓ କ୍ଲଟ୍‌ଚର ଏବଂ ଫି କାଉଣ୍ଟରରେ ଗୋଟିଏ ଛାଉଣୀ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ପ୍ରିନ୍‌ସପାଲ୍ କୋଠରୀରେ ଟାଇଲ କିମ୍ବା ମେଟ୍ ପଡ଼ିବା, ଦୁର୍ବଳ କାଠ ଝରକାକୁ ଭାଙ୍ଗି ମଜବୁତ୍ ଲୁହା ଝରକା ଲଗାଯିବ ଏବଂ ଅନ୍ୟାନ୍ୟ ସାଜ ସଜ୍ଜାରେ ଖର୍ଚ୍ଚ କରିବା ପାଇଁ ମଧ ଅଧକ୍ଷା ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବ ମଧ ଗୃହୀତ ହୋଇଥିଲା ।

ପ୍ରସ୍ତାବ ନଂ.(୨)

ବିଶ୍ୱବ୍ୟାଙ୍କ ତରଫରୁ କଲେଜକୁ ଟ.୨,୮୨,୩୨,୦୦୦ ଟଙ୍କା ଏକାଡ଼େମିକ୍ ବିଲ୍‌ଡ଼ିଂ (ସିଭିଲ୍) ନିର୍ମାଣ ପାଇଁ ସେଙ୍କ୍‌ସନ୍ ହୋଇଥିଲା । ଉକ୍ତ ଟଙ୍କାର ୨୫ ପ୍ରତିଶତର ପରିମାଣ ୭୦ ଲକ୍ଷ ୫୮ ହଜାର ଟଙ୍କା ତା:୨୧-୦୮-୨୦୨୦ରେ କଲେଜ୍ ଏକାଉଣ୍ଟକୁ ଆସିଥିଲା ତାହା ଆର.ଡ଼ବ୍ଲୁ. ଡ଼ିଭିଜନ, ବୌଦ୍ଧ କୁ ହସ୍ତାନ୍ତର ହୋଇ କାର୍ଯ୍ୟ ଆରମ୍ଭ ହେଲା । ତାହାର ୟୁ.ସି. , ୬୮ ଲକ୍ଷ ୩୫ ହଜାର, ୬୯୯ ଟଙ୍କା ଦିଆଯାଇଛି ।

ତା:୨୯-୦୭-୨୦୨୧ରେ ପୁଣି ୭୦ ଲକ୍ଷ ୫୮ ହଜାର ଟଙ୍କା ବିଶ୍ୱବ୍ୟାଙ୍କରୁ ଏକାଡ଼େମିକ୍ ବିଲ୍‌ଡ଼ିଂ ନିର୍ମାଣ ପାଇଁ ଆସିଅଛି । ତାହା ମଧ ଆ.ଡ଼ବ୍ଲୁ ନିଭିଜନ, ବୌଦ୍ଧ କୁ ହସ୍ତାନ୍ତର ହୋଇ ଉପର ମହଲା ଛାତ ପାଇଁ ଏବଂ ଅନ୍ୟାନ୍ୟ ନିର୍ମାଣରେ ନିୟୋଜିତ କରାଯାଇଅଛି । ମୋଟ ୧ କୋଟି ୪୧ ଲକ୍ଷ ୧୬ ହଜାର ଟଙ୍କାର କାର୍ଯ୍ୟ ଚାଲିଅଛି । ୧୨ ଲକ୍ଷ ଟଙ୍କା ୧୮-୦୮-୨୦୧୮ରେ ଓ ୮ ଲକ୍ଷ ଟଙ୍କା ୦୩-୨-୨୦୧୯ରେ ଏହିପରି ସର୍ବମୋଟ ୨୦ ଲକ୍ଷ ଟଙ୍କା ନନ୍-ସିଭିଲ୍ କାର୍ଯ୍ୟ ପାଇଁ ଆସିଥିଲା । ସେଥିରୁ ୧୯ ଲକ୍ଷ ୭୭ ହଜାର ୯୯୮ ଟଙ୍କା ଖର୍ଚ୍ଚ ହୋଇ ତାହାର ୟୁ.ସି. ପ୍ରେରଣ ହୋଇଛି । ବଳକା ୨୨ ଜହାର ୨ ଟଙ୍କା ଭିନ୍ନକ୍ଷମ ଛାତ୍ର ମାନଙ୍କ ପାଇଁ ହୁଇଲ୍ ଚେୟାର୍ କିଣିବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ।

ପ୍ରସ୍ତାବ ନଂ.(୩)

କଲେଜର ମେନେଜମେଣ୍ଟରୁ ଦରମା ପାଉଥିବା ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ମାନେ ଦରମା ବୃଦ୍ଧି ସକାଶେ ଦେଇଥିବା ଦରଖାସ୍ତ ଅଧକ୍ଷା ସଭାରେ ଆଲୋଚନା କରିଥିଲେ । ଟିଚିଂ ଗ୍ରେଡ଼ ପାଇଁ ୫ ହଜାର, ନନ୍-ଟିଚିଂ ଗ୍ରେଡ଼ ପାଇଁ ୩ ହଜାର ଏବଂ ୪ର୍ଥ ଗ୍ରେଡ଼୍ ପାଇଁ ୨ ହଜାର ଟଙ୍କା ବୃଦ୍ଧି ପାଇଁ ଆଲୋଚନା କରି ଅଧକ୍ଷା ପ୍ରସ୍ତାବ ଉପସ୍ଥାପନ କରିଥିଲେ । କିନ୍ତୁ ଉକ୍ତ ପ୍ରସ୍ତାବକୁ ଅଣଶିକ୍ଷକ କର୍ମଚାରୀ ପ୍ରତିନିଧି ଶ୍ରୀ ଅଶୋକ କୁମାର ସାହୁ ଉକ୍ତ ସଂପର୍କରେ ଏକ କମିଟି ଗଠନ କରାରଯାଇ ଦରମା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଫଳରେ ଦରମା ବୃଦ୍ଧି ସଂପର୍କିତ ଆଲୋଚନା ସ୍ଥଗିତ ହୋଇ କମିଟି ଗଠନ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

Scanned with CamScanner

ପ୍ରସ୍ତାବ ନଂ.(୪)

ବରିଷ୍ଠ ଶିକ୍ଷକଙ୍କର ତାଲିକା ସରକାରଙ୍କ ନିକଟରେ ପ୍ରେରଣ କରିବା ପାଇଁ ସଭାରେ ଆଲୋଚନା ହୋଇଥିଲା । ଏହା ଉପରେ ଅଧକ୍ଷା ଶ୍ରୀ ବସନ୍ତ କୁମାର ପଟ୍ଟନାୟକ (ଇଂରାଜୀ ଅଧାପକ)ଙ୍କର ମୂଳ ସେବା ପୁସ୍ତକ କାର୍ଯ୍ୟାଳୟରେ ପହଞ୍ଚି ନଥିବାରୁ ତାହା ଏ.ଏମ୍.ସି.ଏସ୍., ଟିକାବାଲୀ କଲେଜ ପ୍ରିନ୍ସପାଲଙ୍କ ଠାରୁ ମଗାଯାଇ ବରିଷ୍ଠତା ତାଲିକା ସରକାରଙ୍କୁ ପ୍ରେରଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ।

ପ୍ରସ୍ତାବ ନଂ.(୫)

ଶ୍ୟାମା କୁମାର ସାହୁ, ଇଂରାଜୀ ଅଧାପିକା (କଣ୍ଟ୍ରାକ୍ଟୁଆଲ୍ ବେସିସ୍)ଙ୍କର କାର୍ଯକାଳ ସମାପ୍ତିକୁ ନେଇ ସଭାରେ ଆଲୋଚନା ହୋଇଥିଲା । କିନ୍ତୁ କଲେଜର ୱାର୍କ ଲୋଡ୍ ଦେଖି ଏହା ଉପରେ ନିର୍ଣ୍ଣୟ କରାଯିବ ବୋଲି ପ୍ରସ୍ତାବ ରଖାଗଲା । ରାଜନୀତି ବିଜ୍ଞାନ ବିଭାଗରେ ୱାର୍କ ଲୋଡ୍ ଅନୁଯାୟୀ ଅଧାପିକା ଅମ୍ରିତା ସାହୁଙ୍କର ଆବଶ୍ୟକତା ଥିବାରୁ ତାଙ୍କର ନିଯୁକ୍ତିକୁ ନିୟମିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ପୌଲସ୍ତି ପ୍ରଧାନ, ସଂସ୍କୃତ ଅଧାପକ (ଏସ୍.ଏସ୍.ବି.) ପି.ଏଚ୍.ଡ଼ି. କୋର୍ସ କରିବା ସମ୍ବନ୍ଧରେ ଅଧକ୍ଷାଙ୍କୁ ଆବେଦନ କରିଥିଲେ । ତାଙ୍କର ଆବେଦନକୁ ଆଲୋଚନା ମାଧ୍ୟମରେ ଗ୍ରହଣ କରାଯାଇ ସରକାରଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ପାଇଁ ଉପସ୍ଥାପନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା । ଅଚ୍ୟୁତ ଭୂଏ, ଶିକ୍ଷା ବିଭାଗର ଅଧାପକ ତାଙ୍କର ଇ.ଏଲ୍. ସେଙ୍କସନ୍ ସମ୍ବନ୍ଧରେ ଆବେଦନ କରିଥିଲେ । ସେ ମେନେଜ୍‌ମେଣ୍ଟ କର୍ମଚାରୀ ହୋଇଥିବାରୁ ପୂର୍ବରୁ ଯଦି ଅନ୍ୟ ମାନଙ୍କର ମଂଜୁର ହୋଇଛି, ତାହେଲ ସଭ୍ୟମାନେ ସେଙ୍କସନ୍ ହେବ ବୋଲି ମତ ପ୍ରଦାନ କଲେ ।

ପରିଶେଷରେ ଅଧକ୍ଷା କଲେଜ୍‌ର ସି.ସି. କେମେରା ମରାମତିରେ ୧୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା କଥା କହିଥିଲେ ଏବଂ କାପା (ସି.ଏ.ପି.ଏ.) ପାଇଁ ଉଚ୍ଚ ଶିକ୍ଷା ବିଭାଗରୁ ଶିଘ୍ର ସମାପନ କରିବା ନିର୍ଦ୍ଦେଶକୁ ଆଗତ କରିଥିଲେ ।

ଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଗଲା ।

(ସ୍ୱା.)
ଅଧକ୍ଷା ଓ ସଂପାଦିକା,
ପଞ୍ଚାୟତ କଲେଜ, କନ୍ଧମାଳ

(ସ୍ୱା.)
ସଭାପତି
ପଞ୍ଚାୟତ କଲେଜ, କନ୍ଧମାଳ

Scanned with CamScanner